ଆବଶ୍ୟକ
ମାସିକ ଖବରକାଗଜ ଆପଣଙ୍କ ସ୍ୱର ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକରେ ପ୍ରତିନିଧି ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀମାନେ ଆମର ଇମେଲ ଆଇଡି apanankaswar@gmail.com ରେ ନିଜର ବାୟୋଡାଟା ପଠାଇବା ସହ ସହ ମୋବାଇଲ ନଂ 7978443815ରେ ଯୋଗାଯୋଗ କରନ୍ତୁ ।
-ସଂପାଦକ

Email id apanankaswar@gmail.com

# ଆପଣଙ୍କ ସ୍ୱର

ନିରପେକ୍ଷ ମାସିକ ଖବରକାଗଜ

ଆପଣଙ୍କ ସ୍ୱର ଆମର ଶକ୍ତି

PRGI/R.N.I No: ORMUL/25/A5279

Apananka Swar



ଅଜୟ କୁମାର ବେହେରା
ପ୍ରତିଷ୍ଠାତା ସଂପାଦକ
ଆପଣଙ୍କ ସ୍ୱର

Vol. 01 | Issue -04 | ଭାଗ-୦୧ | ସଂଖ୍ୟା-୦୪ | Jajpur 01-30, April 2026 | Rs. 2.00 | Pages - 08 | ଯାଜପୁର ୦୧-୩୦ ଅପ୍ରେଲ, ୨୦୨୬ | ମୂଲ୍ୟ ୨.୦୦ ଟଙ୍କା | ପୃଷ୍ଠା-୦୮

## ସ୍ଥଳଯୁଦ୍ଧ ମୁହାଁ ମଧ୍ୟପ୍ରାଚ୍ୟ ଯୁଦ୍ଧ, ସାଂଘାତିକ ହେବ ସ୍ଥିତି

ତେହେରାନ/ୱାସିଂଟନ: ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ୩୧ ଦିନରେ ପହଞ୍ଚିଛି। ଇସ୍ରାଏଲ ଓ ଆମେରିକା ଇରାନ ରାଜଧାନୀ



ତେହେରାନ ସମେତ ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ଗତକାଲି ରାତି ସାରା ଆକ୍ରମଣ କରିଛନ୍ତି । ଆମେରିକା ଏବେ ସ୍ଥଳଯୁଦ୍ଧ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇବା ସହ ପଶ୍ଚିମ ଏସିଆ ରାଷ୍ଟ୍ରଗୁଡ଼ିକରେ ୫୭ ହଜାର ଆମେରିକୀୟ ସୈନ୍ୟ ଠୁଳ କଲାଣି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ଯଦି ଖୁବ୍‌ଶୀଘ୍ର ଯୁଦ୍ଧ ଶେଷ ପାଇଁ ଇରାନ ଓ ଆମେରିକା ମଧ୍ୟରେ କୌଣସି ଚୁକ୍ତି ନ ହୁଏ ତେବେ ଆମେ ଇରାନର ବିଦ୍ୟୁତ୍ କେନ୍ଦ୍ର ଓ ଖାର୍ଗ ଦ୍ୱୀପକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବୁ। ରାଷ୍ଟ୍ରପତି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ଚେତାବନୀ ଜାରି କରି କହିଛନ୍ତି ଯେ, ଇରାନ ଯଦି ତୁରନ୍ତ ହର୍ମୁଜ ପ୍ରଣାଳୀ ନ ଖୋଲେ ତେବେ ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଟ୍ରମ୍ପ କହିଛନ୍ତି, ଇରାନରେ ସାମରିକ ଅପରେସନ୍ ଶେଷ କରିବା ପାଇଁ ଆମେରିକା ଇରାନର ନୂଆ ନେତୃବୃନ୍ଦ ଓ ଶାସନ ସହ ଆଲୋଚନା ଜାରି ରଖିଛି। ଏଥିରେ ଦ୍ରୁତ ପ୍ରଗତି ହୋଇଛି । କିନ୍ତୁ ଯଦି କୌଣସି କାରଣବଶତଃ ଚୁକ୍ତି ହୋଇପାରିବନି ଏବଂ ବ୍ୟବସାୟ ପାଇଁ ହର୍ମୁଜ ପ୍ରଣାଳୀ ନ ଖୋଲେ ତେବେ ଆମେ ଇରାନରେ ସମସ୍ତ ବିଦ୍ୟୁତ୍ ଉତ୍ପାଦନକାରୀ କେନ୍ଦ୍ର, ତୈଳ କୂପ ଓ ଖାର୍ଗ ଦ୍ୱୀପ ଧ୍ୱଂସ କରିଦେବୁ। ଟ୍ରମ୍ପ ମଧ୍ୟ ଦାବି କରିଛନ୍ତି ଯେ, ଇରାନରେ ଶାସନ ପରିବର୍ତ୍ତନ ହୋଇସାରିଛି। ଆମେ ନୂଆ ଲୋକଙ୍କ ସହ ଡିଲ୍ କରୁଛୁ। ଏହା ପୂରା ଭିନ୍ନ ଗୋଷ୍ଠୀର ଲୋକ। ମୁଁ ଏହାକୁ ଏକ ଶାସନ ପରିବର୍ତ୍ତନ ଭାବେ ବିବେଚନା କରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇ ଇରାନ କହିଛି ଯେ, ଇରାନରେ ସାଧାରଣ ଜନବସତିଗୁଡ଼ିକ ଉପରେ ଲଗାତାର ଆକ୍ରମଣର ଜବାବ ଦେଇ ଏହା ଆମେରିକା ଓ ଇସ୍ରାଏଲର ସାମରିକ ଓ ରାଜନୈତିକ ଅଧିକାରୀଙ୍କ ଘର ଉପରେ ଆକ୍ରମଣ କରିବ। ଇରାନର ଯୁଗ୍ମ ସାମରିକ (ପୃଷ୍ଠା-୭ ଦେଖନ୍ତୁ)

### ଯୁଦ୍ଧ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତନାଘନା

ଭୁବନେଶ୍ୱର୩୧/୩(ଆପଣଙ୍କ ସ୍ୱର) : ପଶ୍ଚିମ ଏସିଆ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତାକୁ ନେଇ ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ ଘଣ୍ଟିଆ ଆକ୍ସନ ମୋଡ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ଜିଲ୍ଲା ସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। କଳାବଜାର, ବେଆଇନ ମହଜୁଦକାରୀଙ୍କ ସଂପର୍କରେ ଜିଲ୍ଲାପାଳମାନେ ନିୟମିତ ଭାବେ ବିଭିନ୍ନ ମାର୍କେଟର ସ୍ଥିତି ଅନୁଧ୍ୟାନ କରି କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ଗୁଜବ ସୃଷ୍ଟି କରି ଭୟର ବାତାବରଣ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ସହ ସାମାଜିକ ଗଣମାଧ୍ୟମ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍ ଗଠନ କରାଯାଇଛି । ଉପଯୁକ୍ତ ସମନ୍ୱୟ ରଖି ସମସ୍ତ (ପୃଷ୍ଠା-୭ ଦେଖନ୍ତୁ)



SBI
APANANKA SWAR
SCAN & PAY
UPI ID: apanankaswar@sbi
BHIM | UPI
yono SBI | BHIM SBI Pay
G Pay | Paytm | Pay

ଏକ ସୁସ୍ଥ, ନିର୍ଭୀକ ଓ ନୀରପେକ୍ଷ ଖବରକାଗଜକୁ ସାହାଯ୍ୟ କରନ୍ତୁ, ଆପଣଙ୍କ ସହାୟତା ଆମକୁ ଆଗକୁ ଯିବାକୁ ନିଶ୍ଚିତ ଇନ୍ଧନ ଯୋଗାଇବ। ଆପଣଙ୍କ ସ୍ୱର ର ଏହି ସ୍କାନର ମାଧ୍ୟମରେ ଆପଣଙ୍କ ସହାୟତା ରାଶି ପଠାନ୍ତୁ ।

## ଏସ୍‌ସିବି ଟ୍ରମା କେୟାର ଅଗ୍ନିକାଣ୍ଡରେ ୧୩ ଜଣଙ୍କର ମୃତ୍ୟୁ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିରୋଧୀ ଏକାଠି







ଭୁବନେଶ୍ୱର୩୧/୩(ଆପଣଙ୍କ ସ୍ୱର) : କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଟ୍ରମା କେୟାରର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ ଜଣଙ୍କର ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବିରେ ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହା ଏକ ବ୍ୟବସ୍ଥାକୃତ ହତ୍ୟା ଓ ସରକାରଙ୍କ ଅକ୍ଷମଣୀୟ ଅବହେଳା ବୋଲି ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ୍ ସରକାର ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ। ଏହାସହିତ ପ୍ରତ୍ୟେକ ମୃତକ ପରିବାରକୁ ଅନ୍ୟୁନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ଉଚ୍ଚନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ ଓ ରିପୋର୍ଟ ପ୍ରକାଶ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ୍ ଅଧୀକ୍ଷକ ସହ ଏହି ଅପରାଧ ପାଇଁ ଦାୟୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ୍ ଠିକାଦାରଙ୍କୁ ତୁରନ୍ତ ଗିରଫ, ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର ସେଫ୍ଟି ଓ ସୁରକ୍ଷା ଅଡିଟ୍ ଇତ୍ୟାଦି ଦାବିଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବି ଉପରେ ଆସନ୍ତାକାଲି ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି ।

ଧାରଣା ଆରମ୍ଭରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଲିଖିତ ବାର୍ତ୍ତା ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଡିଓ ବାର୍ତ୍ତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଜେଡିର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଂଗ୍ରେସନେତା ଦେବାଶିଷ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ୍ ନାରାୟଣ ରେଡ୍ଡୀ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, (ପୃଷ୍ଠା-୭ ଦେଖନ୍ତୁ)

## ବାଡ଼ ଡେ଼ଇଁଲେ ୧୧ ବିଧାୟକ

### ରାଜ୍ୟସଭାକୁ ଗଲେ ମନମୋହନ, ସୁଜିତ୍ କୁମାର, ସଂତୃପ୍ତ ମିଶ୍ର ଓ ଦିଲ୍ଲୀପ

ଭୁବନେଶ୍ୱର୩୧/୩(ଆପଣଙ୍କ ସ୍ୱର) : ଅନୁମାନ ସତ ହେଲା । ଦଳେ ପ୍ରତିଶୋଧ ନେଲେ, ଆଉ ଦଳେ ଘୋଡ଼ା ହେଲେ । ଦୁଇଦିନ ତଳେ ସୁବାସିନୀ ଜେନା ଗଣମାଧ୍ୟମ ଆଗରେ ନବୀନଙ୍କୁ ନିଜର ନେତା କହି ତାଙ୍କର ନିଷ୍ପତ୍ତିକୁ ସଲାମ କରିଥିଲେ । ତାଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳିବେ ବୋଲି ହଲପ କରିଥିଲେ । ନବୀନ ନିବାସରେ ବ୍ରେକଫାଷ୍ଟ, ଲଞ୍ଚ କରିଥିଲେ । ଦେବୀ ତ୍ରିପାଠୀ ବି ନବୀନଙ୍କ ନିଜର ହୋଇଯାଇଥିଲେ । ରମାକାନ୍ତ ଭୋଇ ନବୀନ ନିବାସରେ ଲୁଙ୍ଗି ପିନ୍ଧି ରାତି କଟାଇଥିଲେ । ହେଲେ ଏମାନଙ୍କୁ ଭିନ୍ନ ରୂପରେ ଦେଖିବାକୁ ମିଳିଲା । ନବୀନ ପଟ୍ଟନାୟକଙ୍କୁ ଗୋଇଠା ମାରି ବିରୋଧୀଙ୍କ ପଟକୁ ପଳେଇଲେ । ବିବେକର ଡାକ କହି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ସେମାନେ ଭୋଟ ଦେଲେ । ବିଜେଡିର ଦୁଇ ନିଲମ୍ବିତଙ୍କ ସମେତ ୮ ବିଧାୟକ ଏବଂ କଂଗ୍ରେସର ୩ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି । ସଂଖ୍ୟା ଖେଳରେ ୮ ଭୋଟ ପଛରେ ଥିଲେ ମଧ୍ୟ ବିରୋଧୀ ପକ୍ଷର ଭୋଟ ଭାଙ୍ଗି ଚତୁର୍ଥ ଆସନରେ ବିଜୟ ଲାଭ କରିଛନ୍ତି ଦିଲ୍ଲୀପ ରାୟ ।

#### କଂଗ୍ରେସରୁ ୩ ଓ ବିଜେଡିରୁ ୬ ବିଧାନୟକ ନିଲମ୍ବିତ



ପ୍ରଥମ ଦୁଇଟି ଆସନରେ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ୍ କୁମାର ପ୍ରଥମ ପସନ୍ଦରେ ୩୫ ଲେଖାଏଁ ଭୋଟ ପାଇ ବିଜୟୀ ହୋଇଛନ୍ତି । ସେମାନଙ୍କ ବିଜୟ ପାଇଁ ୩୦ ଲେଖାଏଁ ଭୋଟର ଆବଶ୍ୟକତା ଥିଲା ବେଳେ ଆଉ ୫ ଲେଖାଏଁ ଅଧିକ ଭୋଟ ପାଇଛନ୍ତି । ତୃତୀୟ ଆସନରେ ବିଜେଡି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ପ୍ରଥମ ପସନ୍ଦରେ ୩୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ସୂଚନାଥାଉକି, ରାଜ୍ୟସଭା ସଂଖ୍ୟା ଗଣିତରେ ଚତୁର୍ଥ ଆସନ ପାଇଁ ବିଜେପି ପାଖରେ ୨୨ ବଳକା ଭୋଟ ଥିଲା ଏବଂ ବିଜେଡି ପାଖରେ ୧୮ ବଳକା ଭୋଟ ଥିଲା । କଂଗ୍ରେସର ୧୪ ଭୋଟ ସାଙ୍ଗରେ ସିପିଆଇ(ଏମ୍) ର ଗୋଟେ ଭୋଟ ମିଶିଥିଲା । ଚତୁର୍ଥ ଆସନରେ କମନ୍ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ବିଜେଡି, କଂଗ୍ରେସ ଓ ସିପିଏମ୍ ର ସମର୍ଥନ ଥିଲା । ଏହି ତିନି ଦଳର ଭୋଟ ସଂଖ୍ୟା ୩୩ ହେଉଥିବାରୁ ତାଙ୍କର ବିଜୟ(ପୃଷ୍ଠା-୭ ଦେଖନ୍ତୁ)

## ନୀରପେକ୍ଷ ଖବର କାଗଜ "ଆପଣଙ୍କ ସ୍ୱର" କୁ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଶୁଭେଚ୍ଛା







ଶୁଭେଚ୍ଛା ଜଣାଇଲେ ଯାଜପୁର ଅବକାରୀ ଅଧିକ୍ଷକ

ଭୁବନେଶ୍ୱର,୩୧/୩(ଆପଣଙ୍କ ସ୍ୱର) :ଜାନୁଆରି ମାସରୁ ସାଧାରଣଲୋକଙ୍କ ସ୍ୱରସାଜିଥିବା ଆପଣଙ୍କ ଖବରକାଗଜ "ଆପଣଙ୍କ ସ୍ୱର" ଆଜି ନିରେପେକ୍ଷତା ପାଇଁ ଓଡ଼ିଶା ର କୋଣ ଅନୁକୋଣ ରେ ବେଶ ଆଦୃତ ଲାଭ କରିଛି ।ଭୁବନେଶ୍ୱର ରୁ ବାଙ୍ଗାଲୋର, କଟକ ରୁ କେନ୍ଦ୍ରାପଡ଼ା ସବୁଠି ପାଠକ,ପାଠିକା ମାନଙ୍କର ହୃଦୟ ର ସ୍ପନ୍ଦନ ସାଜିଛି ଆପଣଙ୍କ ସ୍ୱର । ସତ୍ୟ,ନିର୍ଭୀକ ଓ ନିରପେକ୍ଷତା ପାଇଁ ଆଜି ଓଡିଶା ର ସବୁ ଜାଗାରେ ଗୋଟିଏ ଚର୍ଚ୍ଚା ଆଗରେ ରହିଛି ତାହା ହେଉଛି "ଆପଣଙ୍କ ସ୍ୱର" । ଖୁବ ଶୀଘ୍ର ଖବର କାଗଜ ର ସୋସିଆଲ ମିଡ଼ିଆ ପେଜ ଉଭୟ ଫେସବୁକ ଏବଂ ୟୁଟ୍ୟୁବ ଏକ ନୂଆ ରୂପରେ ଆଉ ଭିନ୍ନ ଢଙ୍ଗ ରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଏହାର ପ୍ରତିଷ୍ଠାତା ସମ୍ପାଦକ ଅଜୟକୁମାର ବେହେରା ପ୍ରକାଶ କରିଛନ୍ତି । ବଡ କଥା ହେଉଛି କାଗଜ ର ସର୍କୁଲେଶନ ଗ୍ରାଉଣ୍ଡ ଜିରୋ ରେ କେମିତି ହେଉଛି ନିଜେ ସମ୍ପାଦକ ଗ୍ରାଉଣ୍ଡ ଜିରୋ କୁ ଓହ୍ଲାଇ ନିରୀକ୍ଷଣ କରୁଛନ୍ତି ।ଜଗତର ନାଥ ଜଗନ୍ନାଥ ଙ୍କୁ ସମର୍ପିତ ଏହି କାଗଜକୁ ସୁଦୂର ବାଙ୍ଗାଲୋର ରୁ ପ୍ରବାସୀ ଓଡ଼ିଆ ଙ୍କ ଠୁ ଆରମ୍ଭ କରି ଓଡ଼ିଶା ର ବିଭିନ୍ନ ଜିଲ୍ଲା ର ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ମାନେ ଶୁଭେଚ୍ଛା ଜଣାଉଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ କାଗଜ ର ପାଠକ,ପାଠିକା ମାନଙ୍କ ଠୁ ଶୁଭେଚ୍ଛା ଓ ଶୁଭକାମନା ଫୋନ କଲ,ମେସେଜ ଓ ମେଲ ମାଧ୍ୟମରେ ମିଳିବାରେ ଲାଗିଛି । ମାସିକ ଭାବେ ପ୍ରକାଶିତ ଏହି କାଗଜ ଖଣ୍ଡିକ ଆଗକୁ ସାପ୍ତାହିକ ଓ ପରେ ଦୈନିକ କାଗଜ କୁ ରୂପାନ୍ତରିତ ହେବ ବୋଲି କାଗଜ ର ପ୍ରତିଷ୍ଠାତା ସମ୍ପାଦକ ପ୍ରକାଶ କରିଛନ୍ତି । ୩ଟି ଭାଷା ଯଥା ଓଡ଼ିଆ,ଇଁରାଜୀ ଓ ହିନ୍ଦୀ ରେ ପ୍ରକାଶନ ପାଇଁ କାଗଜ ର ସରକାରୀ ଅନୁମତି ଥିବା ବେଳେ ଆଗକୁ ଓଡ଼ିଆ ପ୍ରକାଶନ ଓ ହିନ୍ଦୀ ଇଂରାଜି ପ୍ରକାଶନ ପୃଥକ ଭାବେ ଆମର ବିଭିନ୍ନ ବର୍ଗର ପାଠକ,ପାଠିକା ମାନଙ୍କ ଭାବରେ ପହଞ୍ଚିବ ବୋଲି ସୂଚନା ରହିଛି ।

ମାର୍ଚ୍ଚ ମାସ ର ପ୍ରକାଶିତ କପି ସହ କାଗଜ ର ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ବେହେରା କଟକ ଜିଲ୍ଲାପାଳ , କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଯାଜପୁର ଅବକାରୀ ଅଧିକ୍ଷକ ଙ୍କୁ ସାକ୍ଷାତ କରିଥିଲେ। ଜିଲ୍ଲା ସ୍ତରରେ କାଗଜ ପ୍ରତି ବଢୁଥିବା ଲୋକପ୍ରିୟତା କୁ ନେଇ ଦୁଇ ଜିଲ୍ଲା ର ଜିଲ୍ଲାପାଳ ଓ ଯାଜପୁର ଅବକାରୀ ଅଧିକ୍ଷକ ନିଜ ନିଜର ସନ୍ତୋଷ ବ୍ୟକ୍ତ କରିବା ସହ କାଗଜ ର ଦୀର୍ଘାୟୁକାମନା କରିଥିଲେ ।

Scanned with OKEN Scanner

# ମହଙ୍ଗା ହେଉଛି ରାସ୍ତା କଡ଼ର ଖାଦ୍ୟ, ସାଧାରଣ ଜନତା ଚିନ୍ତାରେ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଯୋଗୁ, ରାଜଧାନୀ ଦିଲ୍ଲୀ ଏବଂ ଏନସିଆରର ବାସିନ୍ଦାମାନେ ଗ୍ୟାସ ସିଲିଣ୍ଡର କିଣିବା ପାଇଁ ସଂଘର୍ଷ କରୁଛନ୍ତି; ଲୋକମାନେ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି, ଏବଂ କଳା ବଜାରରେ ସିଲିଣ୍ଡରଗୁଡ଼ିକ ସେମାନଙ୍କର ମାନକ ମୂଲ୍ୟରୁ ତିନିରୁ ଚାରି ଗୁଣ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ଫଳସ୍ୱରୂପ, ଗ୍ୟାସ ସିଲିଣ୍ଡରର ବର୍ଦ୍ଧିତ ମୂଲ୍ୟ ଦିଲ୍ଲୀର ପ୍ରତୀକାତ୍ମକ ଖାଦ୍ୟ ଛୋଲେ ଭଟୁରେଠାରୁ ଆରମ୍ଭ କରି ପରଟା, ଛୋଲେ କୁଲଚେ, ଦୋସା, ଏବଂ ଏକ ସରଳ ଚା' କପ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ବୃଦ୍ଧି କରିଛି।



ଦିଲ୍ଲୀର ମୟୂର ବିହାର ଫେଜ-୧ ବଜାରରେ, ରାସ୍ତା ଗାଡି ଏବଂ ଖାଦ୍ୟ ଷ୍ଟଲଗୁଡ଼ିକ ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦାନ କରନ୍ତି – ଯେଉଁଥିରେ ଛୋଲେ ଭଟୁରେ, ଛୋଲେ କୁଲଚେ, ପରଟା, ଲିଟି ଚୋଖା ଏବଂ ଚା' ଅନ୍ତର୍ଭୁକ୍ତ – କିନ୍ତୁ ଗ୍ୟାସ ସିଲିଣ୍ଡରର ବୃଦ୍ଧି ମୂଲ୍ୟ ପ୍ରତ୍ୟେକ ଖାଦ୍ୟ ଏବଂ ପାନୀୟ ସାମଗ୍ରୀର ମୂଲ୍ୟ ୧୦ ରୁ ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ପୂର୍ବରୁ ୪୦ ଟଙ୍କା ମୂଲ୍ୟର ଏକ ପ୍ଲେଟ ଛୋଲେ ଭଟୁରେ ବର୍ତ୍ତମାନ ୫୦ ରେ ଉପଲବ୍ଧ; ସେହିପରି, ଇରାନରେ ସଂଘର୍ଷ ପୂର୍ବରୁ ୪୦ମୂଲ୍ୟର ସବଜି ପୁରୀ (ଭଜା ରୁଟି ସହିତ ପନିପରିବା କରୀ) ଏକ ପ୍ଲେଟ ମଧ୍ୟ ୫୦ କୁ ବୃଦ୍ଧି ପାଇଛି।

କର୍ପୋରେଟ କର୍ମଚାରୀମାନଙ୍କ ପାଇଁ, ଅଫିସ ବିରତି ସମୟରେ ଏକ କପ ଚା ସେମାନଙ୍କର ପ୍ରାଥମିକ ଇନ୍ଧନ ଭାବରେ କାମ କରେ; ତଥାପି, ଏହି ଚା କପ ଚା ମଧ୍ୟ ଏବେ ୧୦ ରୁ ୨୦ କୁ ବୃଦ୍ଧି ପାଇଛି। ଏହାର କାରଣ ହେଉଛି ଯେ ପୂର୍ବରୁ ଏକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୦୫୦ ଥିଲା, କିନ୍ତୁ ଏବେ ଏହା ୩,୦୦୦ ରେ ବିକ୍ରି ହେଉଛି। ଯଦିଓ ଲିଟି ଚୋଖା ବିହାରର ଏକ ପ୍ରସିଦ୍ଧ ବିଶେଷତା, ଏହା ଦିଲ୍ଲୀରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଗାମୀ। ପାରମ୍ପରିକ ଭାବରେ କୋଇଲା ଉପରେ ରନ୍ଧା ହେଉଥିବା ଲିଟି ଏବଂ ଗ୍ୟାସ ବ୍ୟବହାର କରି ପ୍ରସ୍ତୁତ ଚୋଖା- ଉଭୟ ୧୦ ମହଙ୍ଗା ହୋଇଛି; ଯାହା ୪୦ଦାମର ଥିଲା ତାହା ଏବେ ୫୦ ରେ ପହଞ୍ଚିଛି।

ଛୋଲେ କୁଲଚେ ଏବଂ ପରଟା ବିକ୍ରୟ କରୁଥିବା ଜଣେ ବିକ୍ରେତା ପିଙ୍କି ଦେବୀ ବ୍ୟାଖ୍ୟା କରିଛନ୍ତି ଯେ ଗ୍ୟାସ ଏଜେନ୍ସି ଏବଂ ସିଲିଣ୍ଡର-ରିଫିଲିଂ ଦୋକାନଗୁଡ଼ିକ ଏହି ସଙ୍କଟକୁ ଏକ ଲାଭଜନକ ସୁଯୋଗରେ ପରିଣତ କରୁଛନ୍ତି, ଗ୍ୟାସ – ଯାହା ସାଧାରଣତଃ ପ୍ରତି କିଲୋଗ୍ରାମ ୧୦୦ ମୂଲ୍ୟରେ ବିକ୍ରି ହେଉଛି – ୩୦୦ ରୁ ୫୦୦ମଧ୍ୟରେ। ଫଳସ୍ୱରୂପ, ଛୋଲେ କୁଲଚେର ମୂଲ୍ୟ ୩୫ରୁ ୪୦ କୁ ବୃଦ୍ଧି ପାଇଛି; ଏକ ଆଳୁ କୁଲଚେ (ଆଳୁ ଭରଣା ରୁଟି) ୪୦ ରୁ ୫୦ କୁ ବୃଦ୍ଧି ପାଇଛି; ଏବଂ ଏକ ପିଆଜ ପରଟା, ଯାହା ପୂର୍ବରୁ ୫୦ରେ ଥିଲା, ଏବେ ୬୦ ର ମୂଲ୍ୟ ନେଉଛି। ସାଧାରଣ ଲୋକଙ୍କ ମତରେ, ବିକ୍ରେତାମାନେ ଗ୍ରାହକଙ୍କ ପରି ଖାଦ୍ୟ ଏବଂ ପାନୀୟର ମୂଲ୍ୟ ବୃଦ୍ଧିର ଭାର ବହନ କରୁଛନ୍ତି; ଦରମା ସ୍ଥିର ରହିଥିବା ବେଳେ, ଜୀବନଯାପନର ମୂଲ୍ୟ – ଛୋଲେ ଭଟୁରେ ଠାରୁ ଚା କପ ପର୍ଯ୍ୟନ୍ତ – ନିଶ୍ଚିତ ଭାବରେ ଆକାଶଛୁଆଁ ହୋଇଛି।

ଦିଲ୍ଲୀର ରାସ୍ତାଗୁଡ଼ିକରେ ଥିବା ଖାଦ୍ୟ ଗାଡିଗୁଡ଼ିକ କେବଳ ଖାଦ୍ୟର ଉତ୍ସ ନୁହେଁ; ସେମାନେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଜୀବନରେଖା ଏବଂ ଜୀବିକା ଭାବରେ କାର୍ଯ୍ୟ କରନ୍ତି। ଗ୍ୟାସ ସିଲିଣ୍ଡରର ଅଭାବ, ବୃଦ୍ଧି ପାଉଥିବା ମୂଲ୍ୟ ସହିତ, ଏହି ସମଗ୍ର ଇକୋସିଷ୍ଟମକୁ ମୂଳରୁ ଦୋହଲାଇ ଦେଇଛି।



ଙ୍ଗେସ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ଅସୁସ୍ଥତା ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କୁ ହସ୍ପିଟାଲରେ ସାକ୍ଷାତ କରିବା ସହିତ ଆଶୁ ଆରୋଗ୍ୟ କାମନା କରୁଛନ୍ତି ଦେଶର ଆଦରଣୀୟ ପ୍ରଧାନମନ୍ତ୍ରୀ ମୋଦି ଜୀ

# ପାକିସ୍ତାନ ଏବେ ବି ଆତଙ୍କବାଦୀଙ୍କ ଆଶ୍ରୟ ସ୍ଥଳ

ନୂଆଦିଲ୍ଲୀ: ପାକିସ୍ତାନ ଏବେ ବି ଭାରତ ବିରୋଧରେ ସକ୍ରିୟ ଆତଙ୍କବାଦୀ ଗୋଷ୍ଠୀଙ୍କ ଗଡ଼ ପାଲଟିଛି। ଆମେରିକା କଂଗ୍ରେସ ରିସର୍ଚ୍ଚ ସର୍ଭିସ (ସିଏସ୍ଆର) ନିକଟରେ ଏକ ରିପୋର୍ଟରେ ଏହି ଖୁଲାସା କରିଛି। ରିପୋର୍ଟରେ ଚେତାବନୀ ଦିଆଯାଇଥିଲା ଯେ,



ପାକିସ୍ତାନରେ ବହୁ ପ୍ରମୁଖ ଆତଙ୍କୀ ସଂଗଠନ ସକ୍ରିୟ ରହିଛି, ଯାହାକି ଜମ୍ମୁ-କଶ୍ମୀର ଓ ଭାରତ ଉପରେ କେନ୍ଦ୍ରିତ ରହିଛି। ଏହି ରିପୋର୍ଟ ଚକିତ କଲା ଭଳି ରହିଛି। ବିଶେଷ ଭାବରେ ଭାରତର କେନ୍ଦ୍ର ଶାସିତ ରାଜ୍ୟ ଜମ୍ମୁ ଓ କାଶ୍ମୀରକୁ ଟାର୍ଗେଟ କରୁଥିବା ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ମାଟିରୁ ନିର୍ଭୟରେ ବିନା କୌଣସି ବାଧାରେ ନିଜର ଗତିବିଧି ଚଳାଇଛି।୨୫ ମାର୍ଚ୍ଚରେ ଜାରି ସିଆରଏସ୍‌ର 'ଏହି ଫୋକସ୍' ରିପୋର୍ଟରେ ୧୫ ଆତଙ୍କୀ ସଂଗଠନର ବିସ୍ତାର ବିଷୟରେ ବର୍ଣ୍ଣନା କରିଛି। ଏଥିରେ ବହୁ ଗୋଷ୍ଠୀଙ୍କୁ ଆମେରିକା ଦ୍ୱାରା 'ବିଦେଶୀ ଆତଙ୍କବାଦୀ ସଂଗଠନ( ଏଫଟିଓ) ଘୋଷିତ କରାଯାଇ ସାରିଛି। ରିପୋର୍ଟ ଅନୁସାରେ, ଭାରତ ଓ କାଶ୍ମୀର କେନ୍ଦ୍ରିତ ଆତଙ୍କବାଦୀ ସଂଗଠନ' ସହିତ ଲଗାତାର ସମ୍ପର୍କରେ ରହିଛି। ଏଥିରେ ତିନି ଆତଙ୍କବାଦୀ ସଂଗଠନ ବିଷୟରେ ଉଲ୍ଲେଖ କରାଯାଇଛି।୧୯୮୦ ଦଶକର ଶେଷରେ ଗଠିତ ଏହି ଆତଙ୍କବାଦୀ ସଂଗଠନ ୨୦୦୧ ରେ ବିଦେଶୀ ଆତଙ୍କବାଦୀ ସଂଗଠନ(ଏଫ୍ଟିଓ) ଘୋଷିତ କରାଯାଇଥିଲା। ଏବେ ବି ପାକିସ୍ତାନର ପଞ୍ଜାବ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ରହିଛି। ରିପୋର୍ଟ ଅନୁସାରେ, ବର୍ତ୍ତମାନ ଜେଲ୍‌ରେ ଥିବା ହାଫିଜ ସଇଦର ନେତୃତ୍ୱରେ ଏହି ଗୋଷ୍ଠୀ କଟକଣାରୁ ବଞ୍ଚିବା ପାଇଁ ନିଜର ନାଁ ବଦଳାଇ ଜମାତ ଉଦ ଦାବା କରିଦେଇଛି।' ତା ପାଖରେ ଏବେ ବି ହଜାର ହଜାର ଆତଙ୍କୀ ଅଛନ୍ତି। ଏହି ସଂଗଠନ ୨୦୦୮ ମୁମ୍ବାଇ ଆକ୍ରମଣର ଷଡଯନ୍ତ୍ର କରିଥିଲା, ଯେଉଁଥିରେ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା।୨୦୦୦ ମସିହାରେ ମାସୁଦ ଆଜହର ଦ୍ୱାରା ସ୍ଥାପିତ ଏହି ଆତଙ୍କୀ ସଂଗଠନକୁ ମଧ୍ୟ ୨୦୦୧ ରେ ଏଫଟିଓ ଘୋଷିତ କରାଯାଇଥିଲା।

# ବିଜେପିକୁ ମିଳିଛି ସର୍ବାଧିକ ଚାନ୍ଦା, ଦ୍ୱିତୀୟରେ କଂଗ୍ରେସ

ନୂଆଦିଲ୍ଲୀ : ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶର ପ୍ରମୁଖ ରାଜନୈତିକ ଦଳର ଚାନ୍ଦାରେ ଆୟ ହୋଇଥିବା ସଂଖ୍ୟା ସାମନାକୁ ଆସି ସାରିଛି। ବିଜେପି ପୁଣିଥରେ ଦେଶରେ ସବୁଠାରୁ ଅଧିକ ଚାନ୍ଦା ପାଇଥିବା ଦଳ ଭାବରେ ପ୍ରଥମ ସ୍ଥାନରେ ରହିଛି। ସେଭଳି ଦ୍ୱିତୀୟ ସ୍ଥାନରେ ରହିଛି କଂଗ୍ରେସ। ସବୁଠାରୁ ଚକିତ କଲା ଭଳି କଥା ହେଲା ଯେ,ଭାରତ ଏକ ନମ୍ବରର ରାଜନୈତିକ ଦଳ ଏବଂ ଦ୍ୱିତିୟ ନମ୍ବରର ରାଜନୈତି ଦଳକୁ ମିଳିଥିବା ଚାନ୍ଦାରେ ଖୁବ୍ ପ୍ରାର୍ଥକ୍ୟ ରହିଛି। କଂଗ୍ରେସଠାରୁ ବିଜେପି ପ୍ରାୟ ୧୨ ଗୁଣା ଅଧିକ ଚାନ୍ଦା ପାଇଛି। କଂଗ୍ରେସ ତୁଳନାରେ ବିଜେପିର ଦାନକର୍ତ୍ତାଙ୍କ ସଂଖ୍ୟା ମାତ୍ର ଦୁଇଗୁଣ ଅଧିକ। ଏଥିରୁ ସ୍ପଷ୍ଟ ଯେ, ବିଜେପିକୁ ମିଳୁଥିବା ଚାନ୍ଦା ବହୁତ ଅଧିକ।ବିଜେପି ଏବଂ କଂଗ୍ରେସ ବ୍ୟତୀତ, ଅନ୍ୟ ଅନେକ ଦଳ ମଧ୍ୟ ୨୦୨୪-୨୫ ରେ ପ୍ରାପ୍ତ ଚାନ୍ଦା ପରିମାଣ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ, ଜାତୀୟ ଦଳଗୁଡ଼ିକୁ ୩୦ ସେପ୍ଟେମ୍ବର



୨୦୨୫ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ୨୦ ହଜାର ଟଙ୍କାରୁ ଅଧିକ ଦାନର ରେକର୍ଡ ଦାଖଲ କରିବାକୁ ପଡିଥାଏ। ଏହି ପୁରା ରେକର୍ଡ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପାଖକୁ ପଠାଯାଇଥିଲା। ଏପରି ପରିସ୍ଥିତିରେ, ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ୨୦୨୪-୨୫ ରେ ବିଭିନ୍ନ ଦଳ କେତେ ଚାନ୍ଦା ପାଇଥିଲେ? ଏହି ଦଳଗୁଡ଼ିକ କେତେ ଡୋନର ସଂଗ୍ରହ କରିଥିଲେ? କେଉଁ ଦଳ ଘୋଷଣା କରିଥିଲା ଯେ ସେମାନେ ୨୦ ହଜାର ଟଙ୍କାରୁ ଅଧିକ ଦାନ ପାଇ ନାହାଁନ୍ତି? ଏହା ବ୍ୟତୀତ, ରାଜ୍ୟ ସ୍ତରରେ ଜାତୀୟ ଦଳଗୁଡ଼ିକ କେଉଁଠାରେ ଦାନ ପାଇଥିଲେ? ଏହି ଦଳଗୁଡ଼ିକୁ କର୍ପୋରେଟ୍ ଏବଂ ବ୍ୟକ୍ତିଗତ ସ୍ତରରେ ଦାନର ସଂଖ୍ୟା କ'ଣ? ଏହା ବ୍ୟତୀତ, ୨୦ ହଜାରରୁ କମ୍ ଏବଂ ୨୦ ହଜାରରୁ ଅଧିକ ଦାନର ସଂଖ୍ୟା କ'ଣ ଆସନ୍ତୁ ଜାଣିବା।ସମସ୍ତ ଜାତୀୟ ରାଜନୈତିକ ଦଳ ମୋଟ ଭାବରେ ୧୧,୩୪୩ ଦାନକର୍ତ୍ତାଙ୍କଠାରୁ ୬୬୪୮.୫୬୩ କୋଟି ଟଙ୍କା ଚାନ୍ଦାରେ ପାଇଛନ୍ତି।ସାରା ଦେଶରେ ରାଜନୈତିକକ ଦଳକୁ ଯେତିକି ଚାନ୍ଦା ମିଳିଛି, ତା'ର ମୋଟ ରାଶି ୯୨ ପ୍ରତିଶତରୁ ଅଧିକ ବିଜେପିକୁ ମିଳିଛି। ବିଜେପି ୨୦୨୪-୨୫ ପାଇଁ ୬୦୭୪.୧୫ କୋଟି ଟଙ୍କା ଦାନ ପାଇଛି। ଏହି ଦାନ ୫୫୨୨ ଦାନଦାତାଙ୍କ ଜରିଆରେ ମିଳିଛି। ଯଦି ଏହି ରାଶି ବିଜେପି ପରେ ଚାନ୍ଦା ଏକାଠି କରିଥିବା ୪ ଜାତୀୟ ଦଳକୁ ମିଳିଥିବା ମୋଟ ଚାନ୍ଦାରୁ ୧୦ ଗୁଣାରୁ ଅଧିକ ରହିଛି।

କଂଗ୍ରେସ ନିଜର ଦାନ ୫୧୭.୩୯୪ କୋଟି ଟଙ୍କା ଦେଖାଇଛି। ଯାହାକି ତାକୁ ୨୫୦୧ ଦାତାଙ୍କଠାରୁ ମିଳିଛି। କଂଗ୍ରେସକୁ ମିଳିଥିବା ଏହି ରାଶି ବିଜେପି ତୁଳନାରେ ୧୦୦୦ ପ୍ରତିଶତ କମ୍।

ଆପ୍ ୨୦୨୪-୨୫ରେ ୩୮.୧୦୬ କୋଟି ଟଙ୍କା ଦାନ ମିଳିଛି,ଯାହାକି ୭୪୧ ଦାତାଙ୍କ ନିକଟରୁ ମିଳିଛି। ମାକପାକୁ ୨୦୨୪-୨୫ ରେ ୧୬.୯୫୭ କୋଟି ଟଙ୍କାର ଦାନ ମିଳିଛି,ଯାହାକି ୭୪୧ ଦାତାଙ୍କଠାରୁ ଏକାଠି କରାଯାଇଛି।

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ସ୍ଥଳଯୁଦ୍ଧ...

କମାଣ୍ଡ ମୁଖପାତ୍ର ଇବ୍ରାହିମ ଜୋଲଫଗରି କହିଛନ୍ତି, ଆମେରିକା ଓ ଇସ୍ରାଏଲ ଅଧିକାରୀଙ୍କ ବାସଭବନ ଏବେ ଇରାନର ମୁଖ୍ୟ ଟାର୍ଗେଟ୍ ହେବ। ଇତି ମଧ୍ୟରେ କୁଏତରେ ଏକ ଶକ୍ତି ଓ ୱାଟର ଡିସାଲିନେସନ୍ ପ୍ଲାଣ୍ଟ (ଜଳ ଲବଣମୁକ୍ତ କରିବା କେନ୍ଦ୍ର) ଉପରେ ଇରାନ ଆକ୍ରମଣ କରିବା ଫଳରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି। ଏଥିସହ ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି। କୁଏତ ବିଦ୍ୟୁତ୍, ଜଳ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଏହି ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛି। ଉତ୍ତର ଇସ୍ରାଏଲରେ ଆଜି ହାଇଫା ତୈଳ ବିଶୋଧନାଗାରରେ ଇରାନ କ୍ଷେପଣାସ୍ତ୍ରର ଏକ ଭଗ୍ନ ଅଂଶ ମାଡ଼ ହେବା ଫଳରେ ନିଆଁ ଲାଗି ଯାଇଛି। ତେବେ ୧ ମାସର ସଂଘର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ହାଇଫା ତୈଳ ବିଶୋଧନାଗାରରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି।ଇସ୍ରାଏଲ ପାଇଁ ହାଇଫା ତୈଳ ବିଶୋଧନାଗାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପାଖରେ କେବଳ ୨ଟି ତୈଳ ବିଶୋଧନାଗାର ଅଛି। ଇସ୍ରାଏଲର ଅଗ୍ନି ସେବା କର୍ମଚାରୀମାନେ ଏବେ ସେଠାରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ ସେନା ଦାବି କରିଛି ଯେ, ଏହା ତେହେରାନ ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ କରିଛି।

### ବାଡ଼ ଡେ଼ଇଁଲେ...

ସହଜ ଥିଲା। ମାତ୍ର ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜେପିର ୨୨ ବଳକା ଭୋଟ ଧରି ଦ୍ୱିତୀୟ ପସନ୍ଦ ଭୋଟରେ ନିର୍ବାଚନ ଜିତିଛନ୍ତି।

କ୍ରସ୍ ଭୋଟିଂ କରିଥିବା ବିଧାୟକମାନେ ହେଲେ ବିଜେଡିରୁ ନିଲମ୍ବିତ ସନାତନ ମହାକୁଡ଼(ଚମ୍ପୁଆ) ଓ ଅରବିନ୍ଦ ମହାପାତ୍ର(ପାଟକୁରା), ବିଜେଡି ବିଧାୟକ ସର୍ବଶ୍ରୀ ଚକ୍ରମଣି କହଁର(ବାଲିଗୁଡ଼ା), ସୌଭିକ ବିଶ୍ୱାଳ(କଟକ ଚୌଦ୍ୱାର), ଦେବୀରଞ୍ଜନ ତ୍ରିପାଠୀ(ବାଙ୍କୀ), ସୁବାସିନୀ ଜେନା(ବସ୍ତା), ରମାକାନ୍ତ ଭୋଇ(ତିର୍ତ୍ତୋଲ) ଏବଂ ନବ ମଲ୍ଲିକ(ଜୟଦେବ)। କଂଗ୍ରେସ ବିଧାୟକମାନେ ହେଲେ ରମେଶ ଜେନା(ସାନଖେମୁଣ୍ଡି), ଦାଶରଥୀ ଗମାଙ୍ଗ(ମୋହନା) ଓ ସୋଫିଆ ଫିରଦୋସ(କଟକ ବାରବାଟୀ)। ଏହି ୧୧ ବିଧାୟକଙ୍କ ମଧ୍ୟରୁ ୬ ଜଣଙ୍କ ମୁଣ୍ଡରେ ଅପରାଧିକ ବୋଝ ଥିବା ବେଳେ ୫ ଜଣଙ୍କ ଉପରେ ଘୋଡ଼ାବେପାର କଳଙ୍କ ଲାଗିଛି।

କ୍ରସ୍ ଭୋଟିଂ କରିଥିବା ବିଧାୟକ ଉପରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପ୍ରଥମେ କଂଗ୍ରେସ ଦଳ କ୍ରସ ଭୋଟିଂ କରିଥିବା ତିନି ବିଧାୟକଙ୍କୁ ନିଲମ୍ବିତ କରିଥିଲା। ସେହିପରି କିଛିଦିନର ନିରବତା ପରେ ମୁଖ୍ୟ ବିରୋଧୀ ବିଜେଡି ମଧ୍ୟ ଅନୁରୂପ ଭାବେ କ୍ରସ୍ ଭୋଟିଂ କରିଥିବା ୬ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଥିଲା। ନିଲମ୍ବିତ ବିଧାୟକମାନେ ହେଲେ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଏବଂ ଦେବୀ ରଞ୍ଜନ ତ୍ରିପାଠୀ। ରାଜ୍ୟସଭା ନିର୍ବାଚନରେ ଦଳର ହ୍ୱିପ୍ ଭାଙ୍ଗି ଏମାନେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲେ।

ସଂପୃକ୍ତ ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯିବ ବୋଲି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ହୋଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ସଦସ୍ୟ ତଥା ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ। ସେହିଭଳି ଡବଲ୍ ବ୍ୟାଲେଟ୍ ବ୍ୟବହାର କରିଥିବା ବିଜେପିର ଉପାସନା ମହାପାତ୍ର ଏବଂ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଭୋଟକୁ ଅବୈଧ ଘୋଷଣା ପାଇଁ ଦଳ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେବ। ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ଏବଂ ଦୁଇ ବିଜେପି ବିଧାୟକଙ୍କ ଭୋଟ ଅବୈଧ ଘୋଷଣା ପାଇଁ ଆଇନଗତ ଲଢ଼େଇ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

### ଯୁଦ୍ଧ ପରିପ୍ରେକ୍ଷୀରେ...

ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ନିୟମିତ ଭାବେ ଉପଲବ୍ଧ ହେବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲ୍, ଡିଜେଲ୍, ଗ୍ୟାସ୍, ସାର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ଜିଲ୍ଲାପାଳ ନିୟମିତ ତଦାରଖ କରିବେ। ଏହାସହ ଜନସାଧାରଣ ଭୟଭୀତ ନ ହେବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ କୁହାଯାଇଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ...

ସିପିଆଇ (ଏମ୍ଏଲ) ଲିବେରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡ଼ା, ଫରୱାର୍ଡ ବ୍ଲକ୍ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସ୍‌ପି ରାଜ୍ୟ ନେତା ପ୍ରଦୀପ ମିଶ୍ର, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ୧୦ଟି ବିରୋଧୀ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଜେଡି ତରଫରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ଗଣେଶ୍ୱର ବେହେରା, ଗୌତମ ବୁଦ୍ଧ ଦାସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଣବ ପ୍ରକାଶ ଦାସ, ଲେଖାଶ୍ରୀ ସାମନ୍ତସିଂହାର, ପ୍ରୀତିରଞ୍ଜନ ଘଡ଼େଇ, ଚିନ୍ମୟ ସାହୁ, ଇପସିତା ସାହୁ, ଧ୍ରୁବ ସାହୁ, ଭୃଗୁ ବକ୍ସିପାତ୍ର, ସୁଲୋଚନା ଦାସ, ସୁବାସ ସିଂହ, ରମେଶ ବେହେରା, ବିଜୟ ନାୟକ, କଂଗ୍ରେସ ପକ୍ଷରୁ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ପ୍ରସାଦ ହରିଚନ୍ଦନ, ମିନତି ବାହିନୀପତି, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସିଏସ୍ ରାଜନ୍ ଏକ୍କା, ଅଶୋକ ଦାସ, ଅରବିନ୍ଦ ଦାସ, ରବି ମଲ୍ଲିକ, ସିପ୍ରା ମଲ୍ଲିକ, ସିପିଆଇ ତରଫ ରୁ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ଆଶିଷ କାନୁନଗୋ, ଜିନ୍ନୟା ସାହାଣୀ, ଭାଗବତ ପ୍ରତିହାରୀ, ସିପିଆଇ(ଏମ୍) ତରଫରୁ ସନ୍ତୋଷ ଦାସ, ବିଧାୟକ ଲକ୍ଷ୍ମଣ ମୁଣ୍ଡା,, ଫରୱାର୍ଡ ବ୍ଲକ୍ ତରଫରୁ ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା, ସମତା କ୍ରାନ୍ତି ଦଳ ପକ୍ଷରୁ ପ୍ରଭାସ ସାମନ୍ତରା ଏନ୍‌ସିପି ପକ୍ଷରୁ ବିକ୍ରମ ସ୍ୱାଇଁ, ଆର୍‌ଜେଡି ପକ୍ଷରୁ ହେମନ୍ତ କୁମାର ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ବିଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଟିମ୍ ଇଣ୍ଡିଆର ପରବର୍ତ୍ତୀ ମୁଖ୍ୟ ପ୍ରଶିକ୍ଷକ ହେବେ ଦିନେଶ !

ନୂଆଦିଲ୍ଲୀ : ନିକଟରେ ଏକ ପୋଡକାଷ୍ଟରେ ଯୋଗ ଦେଇଥିଲେ ଆରସିବିର ଖେଳାଳି ଜିତେଶ ଶର୍ମା। ଏହି ପୋଡକାଷ୍ଟରେ ସେ ଟିମ୍ ଇଣ୍ଡିଆର ପରବର୍ତ୍ତୀ ମୁଖ୍ୟ ପ୍ରଶିକ୍ଷକ ପୂର୍ବତନ ଭାରତୀୟ ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଦିନେଶ କାର୍ତ୍ତିକ ନେବେ ବୋଲି କହିଛନ୍ତି। ଯେଉଁ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ଅନେକ ଚର୍ଚ୍ଚା ମଧ୍ୟ ହେଉଛି। ପୋଡକାଷ୍ଟରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା କି, ଦିନେଶ କାର୍ତ୍ତିକ କ'ଣ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ପାରିବେ କି? ଯାହାର ଉତ୍ତରରେ ଜିତେଶ ଶର୍ମା କହିଥିଲେ କି, ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାଇ ପାରିବେ। କେବଳ ଭାରତ ନୁହେଁ ବିଦେଶର ଅନ୍ୟ ଦଳର କୋଚ ହେବାର ମଧ୍ୟ ସମ୍ଭାବନା ରହିଛି। ଭାରତରେ ଯଦି ନିଯୁକ୍ତି ନମିଳେ ତାହେଲେ ବାହାର ଦେଶର ମୁଖ୍ୟ ପ୍ରଶିକ୍ଷକ ହେବେ। ଏଭଳି କହିଥିଲେ ଜିତେଶ। ସେପଟେ ଆମେ ଯଦି ଦିନେଶଙ୍କ ଅଭିଜ୍ଞତା ସମ୍ପର୍କରେ କହିବା ତାହେଲେ ୨୦୨୫ ଆଇପିଏଲରେ ଆରସିବି ଚାମ୍ପିୟନ ହେବା ପଛରେ ତାଙ୍କର ବଡ଼ ଭୂମିକା ରହିଛି। ଦଳର ଖେଳାଳିଙ୍କ ଦାୟିତ୍ୱ ନେବା ସହ ଭଲ ଟିମ୍ ଚୟନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ତ୍ତିକ ଏବେ ଦ ହଣ୍ଡ୍ରେଡରେ ଲଣ୍ଡନ ସ୍ପିରିଟର ବ୍ୟାଟିଂ କୋଚ ସାଙ୍ଗକୁ ମେଣ୍ଟର ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହାସହ ତାଙ୍କ କ୍ରିକେଟ କ୍ୟାରିୟର ସମ୍ପର୍କରେ କହିବା ତାହେଲେ ଭାରତ ପାଇଁ ୨୬ଟି ଟେଷ୍ଟ, ୯୪ଟି ଦିନିକିଆ ଏବଂ ୬୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।



# ଆଇପିଏଲ: ୨ ସପ୍ତାହ ପାଇଁ ଖେଳି ପାରିବେନି ଧୋନି

ନୂଆଦିଲ୍ଲୀ : ଆଇପିଏଲ ୨୦୨୬ ଆଜି ଠାରୁ ଆରମ୍ଭ ହେଉଛି। ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ରମୁକାବିଲା ସନରାଇଜର୍ସ ହାଇଦ୍ରାବାଦ ସହ। ଆଇପିଏଲ ଇତିହାସର ଅନ୍ୟତମ ସଫଳ ଟିମ ଚେନ୍ନାଇ ସୁପରକିଙ୍ଗସ ସୋମବାରଠାରୁ ତା'ର ଅଭିଯାନ ଆରମ୍ଭ କରିବ। କିନ୍ତୁ ଏହା ପୂର୍ବରୁ ଚେନ୍ନାଇକୁ ଲାଗିଛି ସବୁଠାରୁ ବଡ଼ ଝଟକା। ଦଳର ସବୁଠାରୁ ପୁରୁଣା ତଥା ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂହ ଧୋନି ଆହତ ହୋଇଛନ୍ତି। ଆହତ ସମସ୍ୟା ଅତ୍ୟନ୍ତ ଗୁରୁତର ଥିବାରୁ ଆସନ୍ତା ୨ ସପ୍ତାହ ପାଇଁ ସେ ଆଇପିଏଲର କୌଣସି ମ୍ୟାଚ ଖେଳି ପାରିବେ ନାହିଁ। ଧୋନିଙ୍କ ଗୋଡ଼ ପେଣ୍ଡାରେ ସମସ୍ୟା ରହିଥିବାରୁ ସେ ଆଗାମୀ ୨ ସପ୍ତାହ ପାଇଁ ମ୍ୟାଚ୍ ଖେଳିବେ ନାହିଁ ବୋଲି ଆଜି ଫ୍ରାଞ୍ଚାଇଜ ପକ୍ଷରୁ ସ୍ପଷ୍ଟ କରାଯାଇଛି।



କିମ୍ବଦନ୍ତୀ କ୍ରିକେଟର ଧୋନି ୨୦୨୫ ଆଇପିଏଲ ସମୟରେ ମଧ୍ୟ ଆହତ ହୋଇଥିଲେ। କିନ୍ତୁ ସେ ସମସ୍ତ ମ୍ୟାଚ ଖେଳିଥିଲେ। ହେଲେ ଚଳିତ ବର୍ଷ ଆହତ ସମସ୍ୟା ଗୁରୁତର ଥିବାରୁ ଅତି କମରେ ସେ ଚେନ୍ନାଇ ପାଇଁ ପ୍ରଥମ ୪ଟି ମ୍ୟାଚ୍ ଖେଳି ନ ପାରନ୍ତି। ଧୋନି ବାଦ ପଡ଼ିଥିବାରୁ ଏବେ ୱିକେଟ କିପିଂ ଦାୟିତ୍ୱ ସଞ୍ଜୁ ସାମସନ କିମ୍ବା ଉର୍ବିଲ ପଟେଲଙ୍କ ମଧ୍ୟରୁ ଜଣେ ସମ୍ଭାଳିବେ। ଚେନ୍ନାଇ ୩୦ ତାରିଖରେ ରାଜସ୍ଥାନ ରୟାଲନ୍ସ ବିପକ୍ଷରେ ନିଜର ୨୦୨୬ ଆଇପିଏଲ ଅଭିଯାନ ଆରମ୍ଭ କରିବ। ଏହାପରେ ଋତୁରାଜ ଗାଏକ୍ୱାଡଙ୍କ ଦଳ ଏପ୍ରିଲ ୩ରେ ପଞ୍ଜାବ କିଙ୍ଗସ, ଏପ୍ରିଲ ୫ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଏପ୍ରିଲ ୧୧ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହି ୪ଟି ମ୍ୟାଚ୍ ଧୋନି ଖେଳିବେ ନାହିଁ। ଧୋନିଙ୍କ ଅନୁପସ୍ଥିତି ନିଶ୍ଚିତ ଭାବେ ଦଳର କମ୍ବିନେସନ ଓ ନେତୃତ୍ୱକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି।

ଭାରତୀୟ କ୍ରିକେଟରୁ ଧୋନି ୨୦୨୦ରୁ ଅବସର ନେଇଥିଲେ ହେଁ ସେ କେବଳ ଆଇପିଏଲ ଖେଳୁଛନ୍ତି। ଗତ ସଂସ୍କରଣରେ ସେ ସମସ୍ତ ୧୪ଟି ଲିଗ ମ୍ୟାଚ୍ ଖେଳି ୧୩୫ ଷ୍ଟ୍ରାଇକ ରେଟରେ ୧୯୬ ରନ କରିଥିଲେ।ଆହତ ସମସ୍ୟା ଯୋଗୁ ଦଳର ନିୟମିତ ଅଧିନାୟକ ଗାଏକ୍ୱାଡ କିଛି ମ୍ୟାଚ୍‌ରୁ ବାଦ ପଡ଼ିବାରୁ ଧୋନି ଚେନ୍ନାଇର କମାଣ ମଧ୍ୟ ସମ୍ଭାଳିଥିଲେ। ୪୪ ବର୍ଷୀୟ ଧୋନି ଆଇପିଏଲର ସବୁଠାରୁ ବୟସ୍କ ଖେଳାଳି। ଯଦି ଟୁର୍ଣ୍ଣାମେଣ୍ଟର ଶେଷ ଭାଗରେ ସେ ଚୂଡ଼ାନ୍ତ ଏକାଦଶକୁ ଫେରିବେ, ତା'ହେଲେ ସବୁଠାରୁ ବୟସ୍କ ଭାରତୀୟ ଭାବେ କୌଣସି ଆଇପିଏଲ ଖେଳିବାର ରେକର୍ଡ କରିବେ।

# 'ये रोहति शर्मा 2.0 है', पूर्व भारतीय कप्तान ने हटिमैन को लेकर सभी टीमों को दी चेतावनी

नई दल्लिी। दग्गिज बल्लेबाज रोहति शर्मा ने कोलकाता के खलिाफ अपना हटिमैन अवतार दखिाया और 200 से अधकि की स्ट्राइक रेट से बल्लेबाजी की। रोहति के इस खतरनाक रूप को देखकर भारत के पूर्व स्पनिर अनलि कुंबले भी प्रभावति हुए। कुंबले का कहना है कि रोहति एक बार फरि से अपना दबदबा बनाने को तैयार हैं। उन्होंने जसि तरीके से पारी खेली, उससे उनके पुराने दनिों की याद आ गई।



पूर्व भारतीय कप्तान ने ये भी माना कि वरुण चक्रवर्ती और सुनील नरेन के खलिाफ छक्के लगाना आसान नहीं होता है। हालांकि, उन्होंने ये कमाल कर दखिाया और शानदार बल्लेबाजी की। रोहति ने नरेन के खलिाफ भी बेहतरीन बल्लेबाजी की, जन्हिोंने हटिमैन को आईपीएल में 8 बार आउट कयिा है। पहले मैच में ही शर्मा ने इस बात के संकेत दे दएि हैं कि वि इस सीजन को बड़ा बनाने के मूड में हैं। कुंबले ने भी कुछ इसी तरह की भवषि्यवाणी की है।

जयिोस्टार पर बात करते हुए पूर्व दग्गिज स्पनिर ने कहा, "मुझे ऐसा लग रहा है कि रोहति शर्मा अपने 2.0 अवतार में वापस आ गए हैं। उनकी पारी ने ये दखिा दयिा है कि वे दोबारा से छा जाने के लएि पूरी तरह से तैयार हैं। जसि तरह से उन्होंने मैदान के चारों तरफ शॉट्स खेले, उससे मुझे उनके सुनहरे दनिों की याद आ गई। वरुण चक्रवर्ती, सुनील नरेन और ब्लेसगि मुजरबानी जैसे गेंदबाजों के खलिाफ छक्के लगाना आसान नहीं होता है। उन्होंने अपनी टाइमगि से इसे और भी आसान बना दयिा। रोहति ने अपनी फटिनेस पर काम कयिा है और जब आप लंबे ब्रेक के बाद आते हैं, तो आपको लय में आने के लएि समय लगता है।"कुंबले का मानना है कि रोहति का इस तरह से फॉर्म में आना दूसरी टीमों के लएि चति का वषिय है। उनकी ये पारी ऐसी थी, जहां पर वे पहली ही गेंद से गेंदबाजों पर हावी हो जाते हैं। वे पहले ऐसा ही करते हुए दखिाई देते थे। अब सीजन के पहले मैच में उन्होंने तहलका मचा दयिा है। रोहति ने वानखेड़े में 38 गेंदों पर 78 रनों की पारी खेली, जसिमें 6 चौके और 6 छक्के शामलि रहे।कुंबले ने आगे कहा, रोहति की ये पारी बहुत शानदार थी। उन्होंने वैसा ही खेला, जैसा वानखेड़े में खेलते हैं, जहां पर वे पहली ही गेंद पर गेंदबाजों पर हावी हो जाते हैं। छक्के लगाना आसान लग रहा था और भले ही बाउंड्री छोटी थी लेकनि जो वे शॉट्स लगा रहे थे वो सीधे स्टैंड्स में जा रहे थे। उनकी ये पारी दखिा रही थी कि अब रोहति पूरी तरह से गंभीर हैं और उनका ये नया रूप दूसरी टीमों के लएि चति का वषिय होगा।

Scanned with OKEN Scanner

## ଧର୍ମଶାଳା ଥାନା ସାଇବର ଠକେଇ ମାମଲା

# ମାଷ୍ଟର ମାଇଣ୍ଡକୁ କେବେ ବାନ୍ଧିବ ପୁଲିସ ?

ଯାଜପୁର/ଧର୍ମଶାଳା(ଆପଣଙ୍କ ସ୍ୱର),୩୧/୩:ସାଇବର ଠକ ମାନଙ୍କୁ ସାବାଡ କରିବାକୁ ସରକାର କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି ।ରାଜ୍ୟ ରେ ଓଡ଼ିଶା ପୋଲିସ ତରଫରୁ ଜାରି ହୋଇଛି ଅପରେସନ ସାଇବର କବଚ ।ରାଜ୍ୟ ତଥା ଜିଲ୍ଲା ପୁଲିସ ସ୍ତରରେ ମଧ ସରକାରୀ ଅର୍ଥ ରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।କିନ୍ତୁ ତୁ ଡାଳେ ଡାଳେ ଗଲେ ମୁ ପତ୍ରେ ପତ୍ରେ ଯିବି ।ଅର୍ଥାତ୍ ଜିଲ୍ଲା ପୁଲିସ କୁ ଚ୍ୟାଲେଞ୍ଜ ଦେଇ ସାଇବର ଠକ ତାଙ୍କର ଠକେଇ ର କାୟା ବିସ୍ତାର କରି ଚାଲିଛନ୍ତି । ଏହାଦ୍ୱାରା ନିରୀହ ଲୋକ ଟି ସର୍ବସ୍ୱାନ୍ତ ହେବାର ଲାଗିଛି ।

ଗତ କେଇ ମାସ ତଳେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ରେ ଏକ ବଡ ଧରଣର ସାଇବର ଠକେଇ ହୋଇଥିଲା । ଏ ସଂକ୍ରାନ୍ତ ରେ ଆମେ ଗତ ଲଗାତାର ୩ଥର ଧରି ଖବର ପ୍ରକାଶ କରିଆସୁଛୁ ।ଖବର ର ପ୍ରଥମ ଶୀର୍ଷକ ଥିଲା " ସାଇବର ଠକେଇ ମାଷ୍ଟର ମାଇଣ୍ଡ କୁ କେବେ ବାନ୍ଧିବ ପୁଲିସ " ।ଖବର ପ୍ରକାଶ ପରେ ସିଧାସଳଖ ଆପଣଙ୍କ ସ୍ୱର ତରଫରୁ ଜିଲ୍ଲା ପୁଲିସ ଅଧିକ୍ଷକ ଯସପ୍ରତାପ ଙ୍କୁ କେବେ ଧର୍ମଶାଳା ସାଇବର ଠକ ଉପରେ କାର୍ଯାନୁଷ୍ଠାନ ନେବେ ବୋଲି ପ୍ରଶ୍ନ କରିଥିଲୁ ।ଏସପି ଉତ୍ତର ରେ କହିଥିଲେ ଏ ସଂକ୍ରାନ୍ତ ରେ ଧର୍ମଶାଳା ଥାନା ରେ ପଞ୍ଜିକରଣ ହୋଇ ଥିବା




**ପଞ୍ଜୀକୃତ କେଶ ନମ୍ବର 0123/25,ଧର୍ମଶାଳା ଥାନା ଠକେଇ ସମ୍ପର୍କ ରେ ଆମେ ଲଗାତାର ୩ମାସ ଧରି ଖବର ପ୍ରକାଶ କରି ଆସୁଛୁ**

**ଏଥର ଏସପି ଯସ୍ ପ୍ରତାପ କହିଲେ କେସ ଟିକୁ ଜିଲ୍ଲା ର ସାଇବର ଥାନାକୁ ହସ୍ତାନ୍ତର ହୋଇଛି**

କେଶ ନମ୍ବର 0123/25 ଉପରେ ମୁ ରିଭ୍ୟୁ ନେବି ।ଏହାପରେ ଆମେ ଯାଜପୁର ଅତିରିକ୍ତ ଏସପି ସ୍ଥିତିକାନ୍ତ କାହ୍ନୁନଗୋ ଙ୍କୁ ବି ସମାନ ପ୍ରଶ୍ନ କରିଥିଲୁ । ଅତିରିକ୍ତ ଏସପି କହିଥିଲେ ଧର୍ମଶାଳା ଥାନା ଅଂଚଳ ରେ ଘଟିଥିବା ଏହି ଠକେଇ ଘଟଣା ରେ ଆଇ ଟି ଆକ୍ଟ ଲାଗିଛି ।ତେଣୁ ଏହା ର ତଦନ୍ତ କେବଳ ଇନ୍ସପେକ୍ଟର କିମ୍ବା ଏହାର ଉପରିଷ୍ଟ ଅଧିକାରୀ ହିଁ କରି ପାରିବେ । ଧର୍ମଶାଳା ଥାନା ର ପୂର୍ବତନ ଥାନା ଅଧିକାରୀ ରଞ୍ଜନ ମାଝୀ ଏ କେଶ ର ଆଇଓ,ତେଣୁ ସେ ଫେରିଲା ପରେ କେଶ ର ତଦନ୍ତ ହେବ ଏବଂ କାର୍ଯାନୁଷ୍ଠାନ ହେବ । ସମାନ କଥା ଧର୍ମଶାଳା ଥାନା ର ଭାର ପ୍ରାପ୍ତ ଅଧିକାରୀ ମଧ ଆପଣଙ୍କ ସ୍ୱର ଖବର କାଗଜ କୁ ତାଙ୍କର ପ୍ରତିକ୍ରିୟା ଦେଇଥିଲେ ।ଏ ସଂକ୍ରାନ୍ତ ରେ ଆମେ ଏ ଘଟଣା ଟିକୁ ଫେବ୍ରୁ ଆରି 2ୟ ସଂସ୍କରଣ ରେ ଆପଣଙ୍କ ସ୍ୱର ର ପ୍ରଥମ ପୃଷ୍ଠା ରେ ସ୍ଥାନ ଦେଇଥିଲୁ । ସୂଚନା ଥାଉ କି ଏ ଠକେଇ ଘଟଣା କୁ ନେଇ ଧର୍ମଶାଳା ଥାନା ରେ ପଞ୍ଜୀକୃତ କେଶ ନ -0123/25 କରାଯାଇ ଭାରତୀୟ ନ୍ୟାୟ ସଂହିତା ଧାରା - ଆଇ ଟି ଆକ୍ଟ 2000 ,66ଡି,318(3) ଏବଂ 319 ଧାରା ପ୍ରଭୃତି ଲାଗିଥିବା ଜଣା ପଡ଼ିଛି ।କିନ୍ତୁ ଏ ସମ୍ବେଦନଶିଳ ଠକେଇ ଘଟଣାକୁ ଆମେ ଗୁରୁତ୍ୱ ର ସହ ନେଇଛୁ । ଆଜି ମାର୍ଚ୍ଚ ୩୧ ,୨୬ ତାରିଖ ରେ ଆମେ ଯାଜପୁର ଏସ ପି ଯସପ୍ରତାପ ଙ୍କୁ ଘଟଣା ଉପରେ କଣ କାର୍ଯାନୁଷ୍ଠାନ ହୋଇଛି ବୋଲି କରିଥିବା ପ୍ରଶ୍ନ ର ଉତ୍ତର ରେ ଏସ ପି କହିଥିଲେ ଏହି ସମ୍ବେଦନଶୀଳ ସାଇବର କେସ ଟିକୁ ଜିଲ୍ଲା ରେ ନୂଆ କରି ଗଠିତ ହୋଇଥିବା ସାଇବର ଥାନାକୁ ହସ୍ତାନ୍ତର କରା ଯାଇଛି ।ଘଟଣା ରେ ନ୍ୟାୟିକ ପ୍ରକ୍ରିୟା ବିଳମ୍ବ କାହିଁକି ହେଉଛି ଉତ୍ତର ରେ ଏସପି କହିଥିଲେ ଯେହେତୁ ଏଥିରେ ଏକାଧିକ ଲୋକଙ୍କ ସାମିଲ ରହିଛି ଆଉ ବାହାର ରାଜ୍ୟର ଠକ ଏଥିରେ ସାମିଲ ଅଛନ୍ତି ସେମାନଙ୍କୁ ଠାବ କରିବାର ଅନୁସନ୍ଧାନ ପ୍ରକ୍ରିୟା ଜାରି ରହିଛି ।, ଆପଣଙ୍କୁ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଏକ ସୁସ୍ଥ ନୀରେପେକ୍ଷ ଗଣ ମାଧମ ହିସାବରେ ଧର୍ମଶାଳା ଥାନା ଅଂଚଳ ରେ ଏଇ ସାଇବର ଠକେଇ ର ଶିକାର ହୋଇଥିବା ନିରୀହ ଲୋକ ମାନେ ନ୍ୟାୟ ନ ପାଇଲା ପର୍ଯ୍ୟନ୍ତ ଆମେ ଲଗାତାର ଖବର ପ୍ରକାଶ କରିବୁ ଆଉ ଶାସନ ,ପ୍ରଶାସନ ,ବ୍ୟବସ୍ଥା କୁ ବାରମ୍ବାର ପ୍ରଶ୍ନ ପଚାରିବୁ।

## ଭରତ ଚନ୍ଦ୍ର ଲେଙ୍କା ହେଲେ ଆପଣଙ୍କ ସ୍ୱର ର କର୍ଣ୍ଣାଟକ/ବାଙ୍ଗାଲୋର ସ୍ୱତନ୍ତ୍ର ପ୍ରତିନିଧି



କର୍ଣାଟକ ରାଜ୍ୟ ରେ ରହୁଥିବା ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ ଭାଇ,ଭଉଣୀ ମାନଂକ ଅନୁରୋଧ କ୍ରମେ ଗତ ମାର୍ଚ୍ଚ ମାସ ୨୦୨୬ ରେ ଆପଣଙ୍କ ଖବର କାଗଜ ଆପଣଙ୍କ ସ୍ୱର ର ମାର୍ଚ୍ଚ ପ୍ରକାଶିତ କପି ପହଞ୍ଚି ଯାଇ ଥିଲା ।ଇତି ମଧ୍ୟରେ ୧ଏପ୍ରିଲ ୨୦୨୬ ତାରିଖ ରୁ ଭରତ ଚନ୍ଦ୍ର ଲେଙ୍କା ଙ୍କୁ ଆମର କର୍ଣ୍ଣାଟକ ରାଜ୍ୟର ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି । କର୍ଣ୍ଣାଟକ ଓ ବାଙ୍ଗାଲୋର ରେ ରହୁଥିବା ଆମର ସମସ୍ତ ପାଠକ,ପାଠିକା ମାନେ ସେମାନଙ୍କ ଖବର,ବିଜ୍ଞାପନ ଓ କାଗଜ ର ହାର୍ଡ କପି ପାଇବା ପାଇଁ ଆମର ପ୍ରତିନିଧି ଭାରତ ଚନ୍ଦ୍ର ଲେଙ୍କା ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ ।

ଯୋଗାଯୋଗ: ଶ୍ରୀଯୁକ୍ତ ଭରତ ଚନ୍ଦ୍ର ଲେଙ୍କା
Mo-+91 79756 81055/
Mail id... bharatchandralenka1@gmail.com
ବାଙ୍ଗାଲୋର

ସ୍ୱା -ସଂପାଦକ,ଆପଣଙ୍କ ସ୍ୱର

## ଦୁବେଙ୍କ ଉପରେ ବର୍ଷିଲେ ନବୀନ

ଭୁବନେଶ୍ୱର ଆପଣଙ୍କ ସ୍ୱର,୩୧/୩: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ବିବାଦୀୟ ବୟାନକୁ ନେଇ ବର୍ଷିଲେ ନବୀନ । ଦୁବେଙ୍କ ମାନସିକ ଚିକିତ୍ସା ଆବଶ୍ୟକ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ ମାନସିକ ଭାବେ ଅସୁସ୍ଥ ଅଛନ୍ତି । ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ମୋତେ ଆଶ୍ଚର୍ଯ୍ୟ ଚକିତ



କରିଛି । ଓଡ଼ିଶାର ଗର୍ବ ଓ ଗୌରବ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ ନିଶିକାନ୍ତ ଦୁବେ।ସଂସଦର ଆଇଟି ଓ କମ୍ୟୁନିକେସନ ଷ୍ଟାଣ୍ଡି କମିଟିରୁ ଇସ୍ତଫା ଦେଇଥିଲେ ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର । ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ମନ୍ତବ୍ୟକୁ ବିରୋଧ କରି ସେ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ଷ୍ଟାଣ୍ଡିଂ କମିଟିରୁ ଇସ୍ତଫା ଦେଇଥିବା ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ ।

## ବଲେ ବଲେ ଢ଼ାବା ସ୍ଥାନରେ ଗଢ଼ି ଉଠିଲା ଆମ ଭୋଜନାଳୟ

ଧର୍ମଶାଳା, ଆପଣଙ୍କ ସ୍ୱର,୩୧/୩: ଧର୍ମଶାଳା ବ୍ଲକ୍ ନେଉଳପୁର ପଞ୍ଚାୟତ ଚଣ୍ଡିଖୋଲ ନିକଟ ବଲେବଲେ ଢାବାରେ ଆଜି 'ଆମ ଭୋଜନାଳୟ'



ଖୋଲାଯାଇଛି। ଏଠାରେ ପ୍ରତ୍ୟେକ ଦିନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିନା ମୂଲ୍ୟରେ ମଧ୍ୟାହ୍ନଭୋଜନ ଦିଆଯିବ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଭୋଜନାଳୟକୁ ଉଦ୍‌ଘାଟନ କରି ନିଜେ ଲୋକମାନଙ୍କୁ ଖାଦ୍ୟ ପରଷିଥିଲେ। ଏଠାରେ ଭୋକିଲା ମୁହଁରେ ଆହାର ଯୋଗାଇ ଦିଆଯିବ। ଧର୍ମଶାଳାବାସୀଙ୍କ ସମେତ ୧୬ନମ୍ବର ଜାତୀୟ ରାଜପଥରେ ଯାଉଥିବା ବାହାର ଅଞ୍ଚଳର ଲୋକମାନେ ମାଗଣାରେ ଖାଇ ପାରିବେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତର ଲୋକମାନେ ସେମାନଙ୍କ ପକେଟରୁ ଅର୍ଥ ଦେଇ ମାଗଣା ଆହାର ବ୍ୟବସ୍ଥା କରାଇଛନ୍ତି। ଏହାର ଶ୍ରେୟ ଧର୍ମଶାଳାବାସୀଙ୍କର ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ ।ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ବିଜେପି ମୁଖପାତ୍ର ମନୋଜ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଗୌତମ ରାୟ, ଉମେଶ ଜେନା, କାହ୍ନୁ ଚରଣ ଦାଶ, ପଞ୍ଚାୟତ ସମିତି ଅଧକ୍ଷା ଶୁଚିସ୍ମିତା ଦାସ, ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗଦେଇ ପ୍ରଥମଥର ପାଇଁ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଥିବା ଧର୍ମଶାଳା ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଜେପି ମଣ୍ଡଳ ସଭାପତି

### ମିଳିବ ମାଗଣା ଆହାର

ଶ୍ରୀବତ୍ସ ଧାର, ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା, ଖର ସାହୁ ଦେବଦତ୍ତ ପଣ୍ଡା, ପ୍ରଶାନ୍ତ ନାୟକ, ଶରତ ଚନ୍ଦ୍ର ନାୟକ, ଉପେନ୍ଦ୍ର କର, ଦେବରାଜ ମିଶ୍ର, ଶ୍ରୀନିବାସ ଜେନା, କାଳନ୍ଦୀ ସାହୁ, କଳ୍ପତରୁ ସାହୁ, ପ୍ରଦୀପ ପରିଡ଼ା, ରାଜେଶ କୁମାର ପାଳ, ଅଭିଷେକ ରାଉତ, ଗୌତମ ସାହୁ, ମଦନ ମୋହନ ନାୟକ, ଅନୁଜ କୁମାର ଜେନା, ଜ୍ଞାନେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ନାୟକ, ସୁଦାମ ଚରଣ ବେହେରା, ଅନ୍ନପୂର୍ଣ୍ଣା ସାହୁ, ବିଶ୍ୱବନ୍ଦନା ଜେନା, ଲିପି ପଣ୍ଡା, ଟ୍ରଷ୍ଟ ସଦସ୍ୟ ଗୌତମ ସାହୁ, ଅଂଶୁମାନ ରଥ, ସୁଧୀର ବେହେରାଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ରାତି ଅଧରେ ପାସ୍ ହେଲା ବିଲ୍

ଭୁବନେଶ୍ୱର,ଆପଣଙ୍କ ସ୍ୱର,୩୧/୩: ଲଗାତାର ୯ ଦିନର ଅଚଳାବସ୍ଥା ପରେ ଆଜି ବିଧାନସଭା ସ୍ୱାଭାବିକ ହୋଇଥିଲା । ପୂର୍ବାହ୍ନରେ ବିଜୁ ବାବୁଙ୍କ ଉପରେ ଆଲୋଚନା ହୋଇଥିଲା ବେଳେ ବ୍ୟୟମଞ୍ଜୁରି ବିଲ୍ ଉପରେ ଲମ୍ବା ବିତର୍କ ହୋଇଥିଲା । ଶେଷ ପର୍ଯ୍ୟାୟରେ ପ୍ରାୟ ୪ ଘଣ୍ଟା ଧରି ଓଡ଼ିଶା ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ, ୨୦୨୬ ଉପରେ ବିଧାୟକମାନେ ଚର୍ଚ୍ଚା କରିଥିଲେ । ରାତି ଅଧ ପର୍ଯ୍ୟନ୍ତ ଆଲୋଚନା ହୋଇ ବିଲ୍ ପାରିତ ହୋଇଥିଲା । ସୂଚନାଯୋଗ୍ୟ ଯେ ପୂର୍ବରୁ ଅଧ୍ୟାଦେଶ ଆକାରରେ ଜାନୁଆରି ୩୦ ତାରିଖଠାରୁ ଏହା ବଳବତ୍ତର ରହିଛି । ବିଲ୍ ସମ୍ପର୍କରେ ସୂଚନା ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଶିକ୍ଷକ କ୍ୟାଡରରେ ସଂରକ୍ଷଣ ଆଇନ, ୨୦୧୯ ପାଳନ କରନ୍ତି, ଯାହା ସମଗ୍ର ବିଶ୍ୱବିଦ୍ୟାଳୟକୁ ଏକକ ୟୁନିଟ୍ ଭାବରେ ବିବେଚନା କରେ। କିନ୍ତୁ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ସଂରକ୍ଷଣ ପାଇଁ ରାଜ୍ୟରେ ଏପରି କୌଣସି ଆଇନ ନାହିଁ। ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨୦୮୬ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବି ଥିଲା ବେଳେ ଅଛନ୍ତି କେବଳ ୬୫୯ ଶିକ୍ଷକ। ତେଣୁ ଏକ ଆଇନ ପ୍ରଣୟନ କରି ଶୀଘ୍ର ସେହି ଖାଲି ପଦ ପୂରଣ କରିବା ଆବଶ୍ୟକ ମନେ ହେଉଛି ।

## ଯଯାତି ୨୦୨୬ ଶେଷ ସନ୍ଧ୍ୟା: ଡାନିସଙ୍କ ଗୀତରେ ଦୁଲୁକିଲା ଯଯାତି ମଞ୍ଚ

# ସୁଭଦ୍ରା ଏକ ଯୋଜନା ନୁହେଁ, ଏକ କ୍ରାନ୍ତି: ମନ୍ତ୍ରୀ ଶ୍ରୀ ବଳସାମନ୍ତ

ଯାଜପୁର, ଆପଣଙ୍କ ସ୍ୱର,୩୧/୩:ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ର ଶେଷ ସନ୍ଧ୍ୟା ଖୁବ୍ ଧୁମଧାମରେ ପାଳିତ ହୋଇଛି। ଆଜି ପ୍ରଖ୍ୟାତ ବଲିଉଡ ଗାୟକ ମହମ୍ମଦ ଡାନିସଙ୍କ ମନଛୁଆଁ କଣ୍ଠସ୍ୱରରେ ଦର୍ଶକ ମତୁଆଲା ହୋଇଥିଲେ। ରାତି ବଢ଼ିବା ସହ ସାଂସ୍କୃତିକ ଆସର ଭିତରେ ଦର୍ଶକ ମଧ ସେତିକି ଉତ୍ସାହିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିକାଶ ପାଇଁ ପ୍ରଶାସନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ ମହୋତ୍ସବରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ମେଳା ଯୋଗୁଁ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବା ସହ ହସ୍ତଶିଳ୍ପର ପ୍ରସାର ହୋଇପାରିବ । ଗଡ଼ମଧୁପୁରର କାଇଁଚ, ରୁଦ୍ରପୁରର ପଥର ଖୋଦେଇ କାରୁକାର୍ଯ୍ୟ, ହରିପୁରର ଚାହୁଆ, କଣ୍ଡାବଣିଆର ବେତ କାରୁକାର୍ଯ୍ୟ, ବୈଦ୍ୟରାଜପୁରର କଂସା ପିତ୍ତଳ କାମ, ଗୋପାଳପୁରର ହସ୍ତତନ୍ତ ଇତ୍ୟାଦି ଏହି ମେଳାରେ ପ୍ରଦର୍ଶିତ ହୋଇଛି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମେ ଭୋକାଲ ଫର୍ ଲୋକାଲ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜିଆଇ ଟ୍ୟାଗ ପ୍ରାପ୍ତ ଟସର ବସ୍ତ୍ର ଏବଂ ଏସିଆ ମହାଦେଶର ସର୍ବବୃହତ କ୍ରୋମାଇଟ ଖଣି ଜିଲ୍ଲାରେ ରହିଛି । ଯଯାତି ମହୋତ୍ସବ ଯାଜପୁର ଜିଲ୍ଲାର ଜନ ଜୀବନର ଏକ ଜୀବନ୍ତ ପ୍ରତିଫଳନ ଏବଂ ଜିଲ୍ଲାର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ତଥା ପ୍ରଚାର ପ୍ରସାର କରିବାରେ ଜିଲ୍ଲା ମହୋତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶାକ୍ତ ଏବଂ ବୌଦ୍ଧ ଧର୍ମର ମହା ସମନ୍ୱୟ ସହ କବି



ଅଭିମନ୍ୟୁ ସାମନ୍ତସିଂହାରଙ୍କ ଭଳି ବିଦଗ୍ଧ ସାହିତ୍ୟିକ ଏଇ ମାଟିରେ ଜନ୍ମ ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ। ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ରାଉତରାୟ, କଳାକାର ଡ. କୈଳାଶ ବେହେରା, ନାଟ୍ୟକାର ଡ. ଦୀପକ ଜେନା, କୁସ୍ତିଯୋଦ୍ଧା ପ୍ରଶାନ୍ତ ସାମଲଙ୍କୁ ଯଯାତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆମେ ଯାଜପୁରିଆ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଏବଂ କଳାକାରମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଲମ୍ବୋଦର ଖୁଣ୍ଟିଆ ଉପସ୍ଥିତ ଥିଲେ। ସଭା ଶେଷରେ ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ରଜନୀରେ ଭଜନ ସଙ୍ଗୀତ, ତାଣ୍ଡବ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଫ୍ୟାସନ୍ ସୋ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ପରେ ପ୍ରସିଦ୍ଧ ନୃତ୍ୟ ଦଳ ପ୍ରିନ୍ସ ଡାନ୍ସ ଗ୍ରୁପ ଖୁବ୍ ସୁନ୍ଦର ରୋମାଞ୍ଚକର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମସ୍ତଙ୍କ ଅପେକ୍ଷାର ଅନ୍ତ ଘଟାଇ ମଞ୍ଚକୁ ଆସିଥିଲେ ବଲିଉଡ ଗାୟକ ଡାନିସ ଏବଂ ତାଙ୍କ ଦମଦାର ଗୀତରେ ସମବେତ ଦର୍ଶକ ନାଚିଥିଲେ। ଡାନିସଙ୍କ ଚମତ୍କାର ପ୍ରଦର୍ଶନରେ କିଛି ସମୟ ପାଇଁ ଲୋକେ ପୁରା ମଜ୍ଜି ଯାଇଥିଲେ। ଟ୍ରାଫିକ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିଆଡ଼େ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ଏବଂ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା । ଏହା ସହ ଲୋକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା ଏବଂ ଲଗାତାର ପାଞ୍ଚ ଦିନ ଧରି ମହୋତ୍ସବ ପଡ଼ିଆକୁ ସ୍ୱଚ୍ଛ ରଖାଯାଇଥିଲା। ପଲ୍ଲିଶ୍ରୀ ମେଳାରେ ଜନସମୁଦ୍ର ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଚମତ୍କାର ପ୍ରଦର୍ଶନ ସହ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ମହାଆଡମ୍ବରରେ ସମାପ୍ତ ହୋଇଥିଲା।

# ଯାଜପୁରଜିଲ୍ଲାସ୍ତରୀୟପିଏମ୍ଶ୍ରୀଉତ୍ସବ୨୦୨୬ଉଦଘାଟିତ

ଯାଜପୁର,ଆପଣଙ୍କ ସ୍ୱର,୩୧/୩: ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ୨୦୨୬ ଯାଜପୁର ରୋଡ଼ ସ୍ଥିତ ବହୁ ପୁରାତନ ପିଏମ ଶ୍ରୀ ଏନସି ହାଇସ୍କୁଲ ପରିସରରେ ଆୟୋଜିତ ହୋଇଛି। ଏହି ଉତ୍ସବକୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ମହେଶ୍ୱର ସାହୁ ଏବଂ ବିଶିଷ୍ଟ ଅତିଥିମାନେ ଉଦଘାଟନ କରିଥିଲେ। ଅତିଥି ଭାବେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର, ମୁଖ୍ୟ ବକ୍ତା ଭାବେ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ଶ୍ରୀଯୁକ୍ତ ଅଭିମନ୍ୟୁ ଭଟ୍ଟ, ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଶ୍ରୀମତୀ ନିବେଦିତା ଗୁରୁ, ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ମହେଶ୍ୱର ସାହୁ ସମଗ୍ର



ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ମୋଟ ୨୪ ଟି ପିଏମ ଶ୍ରୀ ସ୍କୁଲ ଘୋଷଣା ହୋଇଛି ବୋଲି କହିବା ସହ ପିଏମ ଶ୍ରୀ ସ୍କୁଲର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କ୍ରୀଡାଙ୍ଗନ, କୌଶଳ, ଜିଜ୍ଞାସା, ସାହିତ୍ୟ ସୃଜନୀ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୧୨ ଟି ବିଦ୍ୟାଳୟ ଛାୟା ସଂସଦ ମାଧ୍ୟମରେ ଗଣତନ୍ତ୍ରର ସୁରକ୍ଷା ଏବଂ ଆଇନ ପ୍ରଣୟନରେ ସଂସଦର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହାସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓପନ୍ କୁଇଜ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ, ନାଟକ, ଅଭିନୟ ଇତ୍ୟାଦି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚସଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ, ପ୍ରୀତିଲୋଚନ ସାହୁଙ୍କ ସହ ବରିଷ୍ଠ ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ।

## ସ୍ୱାମୀଙ୍କ ପାଇଁ ଟେନସନ୍ ; ବଢିଲା ବିଜେଡି ବିଧାୟିକାଙ୍କ ଅଡୁଆ

ଭବାନୀପାଟଣା, ଆପଣଙ୍କ ସ୍ୱର,୩୧/୩: ଅଡୁଆରେ ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତି । ସ୍ୱାମୀଙ୍କ ପାଇଁ ତାଙ୍କର ବଢ଼ିଛି ଟେନସନ୍ ବଢିଛି । ତାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତି ଓରଫ୍ ମୁନ୍ନାଙ୍କୁ ପୁଲିସ୍ ପ୍ରଥମେ ନର୍ଲା ବାସଭବନରେ ଖୋଜି ନ ପାଇବା ପରେ ଖୋଜି ଖୋଜି ଆସି ଭୁବନେଶ୍ୱରସ୍ଥିତ ବିଧାୟିକାଙ୍କ କ୍ୱାର୍ଟର୍‌ରେ ଛାପା ମାରିଛି । କିନ୍ତୁ ମୁନ୍ନାଙ୍କୁ ନପାଇ ନିରାଶ ହୋଇ ଫେରିଛି । ଏଥିରୁ ଜଣାପଡୁଛି ବିଧାୟିକାଙ୍କର ଟେନ୍‌ସନ୍ ଆହୁରି ବଢ଼ିଯାଇଛି । ଗତ ୧୫ ତାରିଖ ଦିନ ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂହଙ୍କୁ ଫୋନରେ ହତ୍ୟା ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା





ଅଭିଯୋଗ ହୋଇଥିଲା । ଏନେଇ ତହସିଲଦାର ଲିଖିତ ଅଭିଯୋଗ ପରେ ପୁଲିସ ମୁନ୍ନାଙ୍କୁ ଖୋଜୁଛି । ସେପଟେ ଘଟଣାକୁ ଅତି ଗୁରୁତର ସହ ନେଇ ତଦନ୍ତ କରୁଛନ୍ତିଏସଡିପିଓ ସନ୍ଦୀପ କୁମାର।ମୁନ୍ନା ମହାନ୍ତିଙ୍କ ଗୁଣ୍ଡାଗିରି ପୁରୁଣା ରୋଗ। ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ସେ ନର୍ଲା ଅଞ୍ଚଳରେ ବିଜେଡିର ଦବଙ୍ଗ ଗିରି ନେତା। ଗତ କେସିଙ୍ଗା ଅଧ୍ୟକ୍ଷ ନିର୍ବାଚନ ସମୟରେ ଜଣେ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା ସହ ହତ୍ୟା ଧମକ ଅଡିଓ ଭାଇରଲ ହୋଇଥିଲା। କିଛି ମାସ ତଳେ ଛତିଗୁଡ଼ା ଛକ ଠାରେ ବିଜେଡ଼ିର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଦୁଇ ଗୋଷ୍ଠୀ ନର୍ଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଥିରେ ମଧ ମୁନ୍ନା ମହାନ୍ତିଙ୍କ ହାତ ଥିଲା। ସରକାରୀ ଜମିକୁ ମାଡ଼ିବସି ଆକାଶ ଛୁମ୍ବି ଅଟ୍ଟାଳିକା ତିଆରି କରିଥିବା ବେଳେ ତଦନ୍ତ ପରେ ସତ ଜଣାପଡିବ ।

# ବିରଜା ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଯାଜପୁର, ଆପଣଙ୍କ ସ୍ୱର,୩୧/୩ :ଆଇନ, ଅବକାରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁର ଗସ୍ତରେ ଆସି ବିରଜା ପ୍ରକଳ୍ପ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସହ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ମଧ ଯୋଗ ଦେଇଥିଲେ। ସର୍କିଟ ହାଉସରେ ପହଞ୍ଚିବା ପରେ ମନ୍ତ୍ରୀ ଏବଂ ବିଧାୟକଗଣ ସର୍କିଟ ହାଉସର ନୂତନ କୋଠାକୁ ଉଦଘାଟନ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିରଜା ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ବିରଜା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ଆଗେଇ ଚାଲିଛି। ପ୍ରାୟ ୧୧୪ କୋଟି ଟଙ୍କାର ଏହି ପ୍ରକଳ୍ପରେ ମନ୍ଦିର ଭିତର କାମ, ବାହାର ପାର୍ଶ୍ୱରେ ପାର୍କିଂ, ଧର୍ମଶାଳା, ବ୍ରହ୍ମାକୁଣ୍ଡର ଉନ୍ନତିକରଣ, ରଥ ଗୋଦାମ ଇତ୍ୟାଦି କାମ ରହିଛି। ଆସନ୍ତା ଆର୍ଥିକ ବର୍ଷରେ ବ୍ୟାଖ୍ୟାନ କେନ୍ଦ୍ର ଏବଂ ପାରିପାର୍ଶ୍ୱିକ ଉନ୍ନତିକରଣ କାମ ଆରମ୍ଭ ହେବ। ବିରଜା ଧର୍ମଶାଳା ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ନେଇ ମଧ କାମ ଆରମ୍ଭ ହୋଇଛି। ବୈଠକରେ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ନେଇ ମନ୍ତ୍ରୀ ଏବଂ ବିଧାୟକଗଣ ଜିଲ୍ଲାପାଳ ଶ୍ରୀ କର, ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ କମଲ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ପ୍ରେସ ବ୍ରିଫିଂ ମଧ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ସମାଜସେବୀ ଶ୍ରୀ ଗୌତମ ରାୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



Sub Editor :Rajib Kumar Pradhan
ସହ ସମ୍ପାଦକ: ରାଜୀବ କୁମାର ପ୍ରଧାନ
Mobile- 9827343028

Owned, Published & Edited By-Ajay Kumar Behera, .at.: Jaleswarpur Po.: Kundapatana Gp: Uttar Pratap Via: Dharmasala , Jajapur, Odisha - 755008. &Printed At Swabalamban Process Pvt Ltd, Plot No 376, Bidanasi, Sahara Kumbharsahi, Near Baseli Mandira Of Chahata, Cuttack, Odisha - 753014. Mail id: apanankaswar@gmail.com Mobile no..7978443815

Editor: Ajay Kumar Behera
ସମ୍ପାଦକ: ଅଜୟ କୁମାର ବେହେରା

Scanned with OKEN Scanner